**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆ ଦିଲ୍ଲୀ-୧୧୦୦୦୧**

**ଫୋ.ନଂ-୨୩୦୦୫୭୦୦, ଫା.ନଂ-୨୩୦୦୫୭୮୭**

**ବି.ଜେ.ପି ର ଜାତୀୟ ସଭାପତି ଶ୍ରୀ ରାଜନାଥ ସିଂହଙ୍କ ୦୭.୦୨.୨୦୧୩ ରେ ଚେନ୍ନାଇରେ ଦେଇଥିବା ପ୍ରେସ ବିଜ୍ଞପ୍ତି ।**

**ଉ.ପା ସରକାରଙ୍କର ବିଶୃଙ୍ଖଳାମୟ କୂଟନୀତି**

ଉ.ପା ସରକାରଙ୍କର କୂଟନୀତି ତଥା ସମସ୍ତ ନୀତି ନିୟମକୁ ଅବଲୋକନ କଲେ ଜଣାଯାଏ କି, ତାହା କେବଳ ତେଜହୀନ ନୁହେଁ ବରଂ ଅସଂଗତ ଓ ଅବାସ୍ତବ ଅଟେ । ଗତ ୮ ବର୍ଷ ଧରି ଉ.ପା ସରକାର ଯଦିଓ ସମସ୍ତ ପଡ଼ୋଶୀ ରାଷ୍ଟ୍ର ସହ ଦ୍ୱିପାର୍ଶିକ ରୀତିରେ ଏକ ସମ୍ପର୍କର ସେତୁ ବନ୍ଧ ସ୍ଥାପନା କରି ଆସିଛନ୍ତି ମାତ୍ର ଇଚ୍ଛା ଶକ୍ତିର ଘୋର ଅଭାବ ଓ କାର୍ଯ୍ୟ ଦକ୍ଷତା ବିନା ତାହା ବାଧ୍ୟବାଧକତା ଭଳି ମନେହୁଏ ।

ଏକ ପାର୍ଶ୍ୱରୁ ପାକିସ୍ତାନ ନିଜର ଭାରତ ବିରୋଧୀ ଗତି ବିଧି ପ୍ରଦର୍ଶନ କରିବା ବେଳେ ଅପର ପାର୍ଶ୍ୱରୁ ଚାଇନା ଆମକୁ ଚତୁପାର୍ଶ୍ୱରୁ ଘେରଉ କରି ରଖିଛି କହିଲେ ଚଳେ । ସେ ପାକିସ୍ତାନ ସହ ମିଳିତ ହୋଇ ଭାରତ ବିରୋଧୀ କାର୍ଯ୍ୟ କରିବାରେ ଲିପ୍ତ । ବର୍ତ୍ତମାନ ପାକିସ୍ତାନ ତାହାର ଗ୍ୱାଦାର ବନ୍ଦରର ପ୍ରଶାସନିକ ଦାୟିତ୍ୱ ଚାଇନା ହାତରେ ଦେଇ ଆରବ ସାଗରର ଏକ ନିରାପଦ ଜଳପଥ ତାକୁ ଛାଡ଼ି ଦେଇଅଛି । ଶ୍ରୀଲଙ୍କା କଥା ଦେଖିବାକୁ ଗଲେ ଯଦିଓ ପାରମ୍ପାରିକ ଦୃଷ୍ଟିରୁ ଭାରତ ସହ ଅନ୍ତରଙ୍ଗ ପଡ଼ୋଶୀର ସମ୍ପର୍କ ରଖି ଆସିଛି, ତଥାପି ସେ ମଧ୍ୟ ଚାଇନା ସହ ମିଳିତ ଅଟେ । ସେ ଚାଇନାକୁ ହାମବାନଟୋଟା ବନ୍ଦରକୁ ପ୍ରବେଶ କରିବାର ଅନୁମତି ମଧ୍ୟ ଦେଇସାରିଛି ।

ଭାରତ କିନ୍ତୁ ତାମିଲ ସମ୍ପ୍ରଦାୟର ବୁଝାବଣା ନେଇ ଓ ତାହା ଉପରେ ଲଗା ଯାଇଥିବା ଯୁଦ୍ଧ ଆରୋପ ନେଇ ଆନ୍ତର୍ଜାତୀୟ ଚାପକୁ ରୋକିବା ନେଇ ଅନେକ ସହାୟତା କରି ଆସିଛି । ଶ୍ରୀ ଲଙ୍କା ମଧ୍ୟ ଉକ୍ତ ଆରୋପର ତଦନ୍ତ ତଥା ତାହା ବିରୋଧରେ ପଦକ୍ଷେପ ଗ୍ରହଣ କରିବା ନେଇ ଏକ

ଦକ୍ଷ ସଂଗଠନ (ଏଲ.ଏଲ.ଆର.ସି) ଗଠନ କରିଅଛି ଏବଂ ଦୁଇ ବର୍ଷ ଧରି ଉକ୍ତ ସଂଗଠନ ନିଜର ରିପୋର୍ଟ ଦେବା ସତ୍ତ୍ୱେ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ ।

ସମ୍ବିଧାନର ତ୍ରୟୋଦଶତମ ସଂଶୋଧନରେ ଶ୍ରୀଲଙ୍କା ତାମିଲ ପ୍ରଦେଶକୁ କିଛିଟା କ୍ଷମତା ଦେବା ତଥା ସେମାନଙ୍କର ପୁନଃ ଥଇଥାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା । ଭାରତ ତାହାକୁ ଗଣ୍ଠି କରି ଧରି ରଖିଥିବା ବେଳେ ଶ୍ରୀଲଙ୍କା ତାହାକୁ ପଛରେ ପକାଇ ଦେଇଛି । ଯାହାକି ଉ.ପା ସରକାରଙ୍କର ଏକ ବିରାଟ କୂଟନୈତିକ ଅସଫଳତା । ବି.ଜେ.ପି ଉକ୍ତ ତାମିଲ ମାନଙ୍କ ପୁନଃ ଥଇଥାନ ଓ କ୍ଷମତା ପ୍ରଦାନ ପାଇଁ ପ୍ରଧାନ ମନ୍ତ୍ରୀଙ୍କୁ ସ୍ୱର ଉତ୍ତୋଳନ କରିବା ପାଇଁ ଦାବି କରେ ।

**କାବେରୀ ଜଳର ବିବାଦ ଘଟଣା**

ଭାରତର ମାନ୍ୟବର ସୁପ୍ରିମ କୋର୍ଟ ଆସନ୍ତା ଫେବୃଆରୀ ମାସ ୨୦ ତାରିଖରେ କାବେରୀ ଜଳ ବିବାଦ ନେଇ ନିଜର ଚରମ ନିଷ୍ପତ୍ତି ଜଣାଇବ । ଜଳ ହେଉଛି ଦେଶର ସବୁଠାରୁ ସୂକ୍ଷ୍ମ ଓ ଏକ ରାଜନୈତିକ ସମସ୍ୟା । ଉ.ପା ସରକାରକୁ ଏପରି ନିଷ୍ପତ୍ତି ନେବାକୁ ହେବ ଯାହା ଦ୍ୱାରା ରାଜ୍ୟ-ରାଜ୍ୟ ମଧ୍ୟର ସମ୍ପର୍କରେ ଆଞ୍ଚ ଆସିବ ନାହିଁ । ତେଣୁ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ପ୍ରଧାନ ମନ୍ତ୍ରୀ ତାମିଲ ନାଡୁ ଓ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଦ୍ୱୟଙ୍କୁ ଗୋଟିଏ ସ୍ଥାନକୁ ଆମନ୍ତ୍ରଣ କରାନ୍ତୁ ଓ ତାଙ୍କୁ ଏକାଠି ବସାଇ ସର୍ବସମ୍ମତି ଗ୍ରହଣ କରନ୍ତୁ ।

ପ୍ରାୟ ୬ ବର୍ଷ ହେବ ୫ ଫେବୃଆରୀ ୨୦୦୭ ମସିହାରୁ କାବେରୀ ଜଳ ବିବାଦର ଟ୍ରିବୁନାଲ ତାହାର ଅର୍ଡ଼ର ଦେଇସାରିଲାଣି । ତେଣୁ ସରକାର ନିଜର ଏକ ପ୍ରଧାନ ଦାୟିତ୍ୱ ମନେକରି ଉକ୍ତ ସମସ୍ୟାର ସମାଧାନ ଦେବା ନିତ୍ୟାନ୍ତ ଜରୁରୀ ।

**ଦେଶରେ ସାଂସ୍କୃତିକ ସହନ ଶୀଳତାର ଅଭାବ**

ବର୍ତ୍ତମାନର କିଛି ବିବାଦମାନ ସାଂସ୍କୃତିକ ଘଟଣା ବଳି ଉପରେ ବି.ଜେ.ପି ଗୁରୁତ୍ୱ ଆରୋପ କରୁଅଛି । ନାନାବିଧ ନୂତନ ଚିନ୍ତାଧାରା ନେଇ ସମାଜରେ ଯେଉଁ ଫାଙ୍କ ସୃଷ୍ଟି ହେବାର ସମ୍ଭାବନା ଦେଖାଯାଏ ତାହାକୁ ଗ୍ରହଣ ନକରିବା ଜନିତ ଆମେ ଆଜି ବିରାଟ ସମସ୍ୟା ଦେଇ ଅତିକ୍ରମ କରୁଅଛୁ ଓ ଦେଶ ଦିନକୁ ଦିନ ଏକ ଅସହନଶୀଳ ଦେଶ ଭାବରେ ପରିଣତ ହେଉଅଛି ।

ଯେଣୁ ଚଳଚିତ୍ର, ସଂଗୀତ, ପୁସ୍ତକ ତଥା ଅନ୍ୟାନ୍ୟ କାରଣରୁ ଜନତା କ୍ରୋଧାନ୍ୱିତ ହୋଇଥାଆନ୍ତି, ମାତ୍ର ତାହାର ବିକଳ୍ପ ପନ୍ଥାକୁ ଗ୍ରହଣ କରିବା ପରିବର୍ତ୍ତେ ସେମାନେ ତାହାକୁ ବୃଦ୍ଧି କରିବା ପାଇଁ ଯଥେଷ୍ଟ ସ୍ଥାନ ଛାଡ଼ି ଦିଅନ୍ତି । ଯେଉଁମାନେ ଏଭଳି ଜିନିଷର ବିରୋଧ କରନ୍ତି ସେମାନଙ୍କର ବିରୋଧ କରିବାର ଅଧିକାର ନିଶ୍ଚିତ ଭାବରେ ରହିଅଛି । ମାତ୍ର ଦୁର୍ବୃତ୍ତତା, ବ୍ଲାକମେଲ ବା ହିଂସାତ୍ମକ ଉପାୟରେ ନୁହେଁ ।

ବାକ ସ୍ୱାଧୀନତା ସମ୍ବିଧାନର ଏକ ସ୍ତମ୍ଭ ଭଳି । ମାତ୍ର ତାହା ନିଜ କର୍ତ୍ତବ୍ୟଠାରୁ ଦୂରରେ ରହି ସ୍ୱେଚ୍ଛାଚାରୀ ହୋଇ ନପାରେ । ଯେକୌଣସି ସମ୍ପ୍ରଦାୟକୁ ଚିହ୍ନଟ କରିବା ଯଦିଓ ଜରୁରୀ ମାତ୍ର ସେମାନଙ୍କର ମାନସିକତାକୁ ଆଘାତ ଦେବା ଆଦୌ ଗ୍ରହଣୀୟ ନୁହେଁ । ଦୁର୍ଭାଗ୍ୟ ବସତଃ ସୀମାନ୍ତରେ ରହୁଥିବା ବହୁ ଗୋଷ୍ଠି ଉକ୍ତ ପରିସ୍ଥିତିର ଫାଇଦା ଉଠାଇ ଉକ୍ତ ଅଞ୍ଚଳ ମାନଙ୍କରେ ସଂସ୍କୃତି ନେଇ ଉଠୁଥିବା କୌଣସି ଅନୁକୂଳ ତର୍କକୁ ରୋକି ଆସୁଛନ୍ତି ।

ଉକ୍ତ ଅଞ୍ଚଳ ମାନଙ୍କରେ ଦେଶର ସାଂସ୍କୃତିକ ଘଟଣା ନେଇ ସହନଶୀଳତାର ଅଭାବ ସମ୍ପର୍କରେ ଏକ ସର୍ବସାଧାରଣ ତର୍କର ଆବଶ୍ୟକତା ରହିଛି । ଯୁଗ ଯୁଗ ଧରି ଭାରତ କଳା, ସଂସ୍କୃତି ତଥା ସଂଗୀତ କ୍ଷେତ୍ରରେ ନିଜର ସହନଶୀଳତାର ଭାବନାକୁ ପ୍ରତିପାଦିତ କରିଆସିଛି । ବର୍ତ୍ତମାନ ଦୃଢ଼ତାର ସହ ଉକ୍ତ ପାରମ୍ପାରିକ ଚିନ୍ତାଧାରାର ପୁର୍ନଜାଗରଣ କରିବାର ସମୟ ଉପନୀତ ।

**ଓ.ପି କୋହଲି**

**ମୁଖ୍ୟାଳୟ ପ୍ରମୁଖ**